
# ତଥ୍ୟ ପତ୍ର

## ବହନୀୟ ମାତ୍ସ୍ୟକୀ ଏବଂ ଜୈବବିବିଧତା ସଂରକ୍ଷଣ ନିମନ୍ତେ ମହାସାଗରୀୟ ଅଂଶୀଦାରୀ- ନବିନୀକରଣ ଏବଂ ସୁଧାରର ପ୍ରତିରୂପ-ବଙ୍ଗୋପସାଗର ପରିଯୋଜନା

## ଭାରତୀୟ ସାଗରରେ ଟୁନା ମାଛ ଏବଂ ଟୁନା ପରି ମତ୍ସ୍ୟ ସଂଭାର

### ଆଲ୍‌ବାକୋର/କଣି ମାଛ *(Thunnus alalunga)*

ଆଲ୍‌ବାକୋର ଟୁନା (କଣି ମାଛ) ସବୁ ମହାସାଗରୀୟ ଜଳଭାଗକୁ ଗମନାଗମନ (migrate) କରିଥାଏ । ଏହା ଏକକ ପ୍ରଜାତି ଦଳବଦ୍ଧ ଭାବେ ସମୁଦ୍ରରେ ବିଚରଣ କରନ୍ତି ଏବଂ ଦୁଇ ମୁଖ୍ୟ ପ୍ରକାର ଟୁନା ପ୍ରଜାତି ମଧ୍ୟରୁ ଏକ (ସ୍କିପଜାକ ଟୁନା ମାଛ ସହିତ) ଯାହାକି କେନିଙ୍ଗ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଏ । ଏହାକୁ 'ନିଦା ଧଳା' (Solid white) ଟୁନା ମାଛ ଭାବରେ ପରିଚିତ କରାଯାଇଛି । ଏହା ପ୍ରାୟ ୧.୪ ମିଟର (ମି.) ଲମ୍ବ ଏବଂ ୬୦ କିଲୋ ଓଜନ ପର୍ଯ୍ୟନ୍ତ ବଢ଼ିପାରେ ।



ଆଲ୍‌ବାକୋର/କଣି ମାଛ

### ବିଗ୍ ଆଇ ଟୁନା *(Thunnus obesus)*

ବିଗ୍ ଆଇ ଟୁନା ମାଛ ସମଗ୍ର ଉଷ୍ଣକୋଟିବନ୍ଧୀୟ ଏବଂ ଶୀତୋଷ୍ଣ ମହାସାଗରୀୟ ଜଳଭାଗରେ ମିଳିଥାଏ । ଭାରତରେ ୟେଲୋଫିନ୍ ଟୁନା ଏବଂ ସ୍କିପଜାକ ଟୁନା ଭଳି ଏହି ମାଛ ସାଧାରଣ ଭାବେ ମିଳିନଥାଏ । ଏହା ପ୍ରାୟ ୨.୫ ମି. ଲମ୍ବ ଏବଂ ୨୧୦ କିଲୋ ଓଜନ ପର୍ଯ୍ୟନ୍ତ ବଢ଼ିପାରେ। ସାସିମି (Sashimi) ଏବଂ ଗ୍ରିଲିଙ୍ଗ (Grilling) ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଏହା ଏକ ପ୍ରସନ୍ଦଯୋଗ୍ୟ ମତ୍ସ୍ୟ ପ୍ରଜାତି ।



ବିଗ୍ ଆଇ ଟୁନା

### ସ୍କିପଜାକ ଟୁନା / ଡିସ୍କୋ ଥୁମ୍ବାଡା *(Katsuwonus pelamis)*


ଏହି ପ୍ରଜାତି ଉଷ୍ଣକୋଟିବନ୍ଧୀୟ ଏବଂ ନାତିଶୀତୋଷ୍ଣ ଜଳଭାଗରେ ବିଚରଣ କରିବା ଦେଖାଯାଏ । ଏହା ୧ ମି. ଲମ୍ବ ଏବଂ ୩୦ କିଲୋ ଓଜନ ପର୍ଯ୍ୟନ୍ତ ବଢ଼ିପାରେ। ଭାରତରେ, ସ୍କିପଜାକ ଟୁନା ଫାସିଜାଲ (gillnets) ଏବଂ ଲମ୍ବ କଣ୍ଟାଜାଲ (Longlines) ଦ୍ୱାରା ମୁଳ ଭୁଖଣ୍ଡ ଏବଂ ଆଣ୍ଡମାନ ଏବଂ ନିକୋବର ଦ୍ୱିପପୁଞ୍ଜ ଜଳଭାଗରେ ଧରାଯାଏ । ଏହାର ସମ୍ଭାବ୍ୟ ଉତ୍ପାଦନ ୯୯୦୦୦ ଟନ୍ ହିସାବରେ ଆକଳନ କରାହୋଇଛି ।



ସ୍କିପଜାକ ଟୁନା / ଡିସ୍କୋ ଥୁମ୍ବାଡା

### ୟେଲୋଫିନ୍ ଟୁନା / ଭୀରଗେଡ୍‌ରା *(Thunnus albacares)*


ୟେଲୋଫିନ୍ ଟୁନା ମୁଖ୍ୟତଃ ଉଷ୍ଣକୋଟିବନ୍ଧୀୟ ଏବଂ ଉପୋଷ୍ଣକଟିବନ୍ଧୀୟ ଜଳଭାଗରେ ବିଚରଣ କରଥାଏ । ଭାରତୀୟ ମହାସାଗରୀୟ ମାତ୍ସ୍ୟକୀରେ ଏହି ପ୍ରଜାତିର ଶ୍ରେଣୀକୃତ ଲମ୍ବ ୩୦ ସେ.ମି. ରୁ ୧୮୦ ସେ.ମି. ଭିତରେ ହୋଇଥାଏ । ଏହା ଲମ୍ବରେ ୨.୪ ମି. ଏବଂ ଓଜନରେ ୨୦୦ କିଲୋ ପର୍ଯ୍ୟନ୍ତ ବଢ଼ିଥାଏ । କିଶୋର ମାଛ ଉପରି ସମୁଦ୍ରୀ ଜଳସ୍ତର ଏବଂ ବଡମାଛ ଉପରି ଜଳସ୍ତର ଏବଂ ଉପଭୂପୃଷ୍ଠ ଜଳଭାଗରେ ହିଁ ସନ୍ତରଣ କରିଥାନ୍ତି । ଏହାର ସମ୍ଭାବିତ ଉତ୍ପାଦନ ଭାରତୀୟ ବିଶିଷ୍ଟ ଏକାନ୍ତିକ ଆର୍ଥିକ ମଣ୍ଡଳ (Exclusive Economic Zone) ରେ ୮୦୦୦୦ ଟନ୍ ହେବାର ଆକଳନ କରାହୋଇଛି । ବହୁମୁଲ୍ୟବାନ ସାସିମୀ (Sashimi) ଏବଂ ଲଏନ୍ (Loin) ମତ୍ସ୍ୟଜାତ ଖାଦ୍ୟ ପଦାର୍ଥ ଏହି ୟେଲୋଫିନ୍ ଟୁନାରୁ ପ୍ରସ୍ତୁତ କରାଯାଏ ।



ୟେଲୋଫିନ୍ ଟୁନା / ଭୀରଗେଡ୍‌ରା

### ବ୍ଲାକ୍ ମାର୍ଲିନ୍ / ମୟୁରପଂକ୍ଷୀ ମାଛ *(Istiompax indica)*


ଏହି ପ୍ରଜାତି ଭାରତୀୟ ଏବଂ ପ୍ରଶାନ୍ତ ମହାସାଗରର ଉଷ୍ଣକୋଟିବନ୍ଧୀୟ ଏବଂ ଉପୋଷ୍ଣକଟିବନ୍ଧୀୟ ଜଳକ୍ଷେତ୍ରରେ ବିଚରଣ କରିଥାନ୍ତି । ପ୍ରକାଶିତ ଅଧିକତମ ୪.୬୫ ମି. ଲମ୍ବ ଏବଂ ୭୫୦ କିଲୋ ଓଜନ ବିଶିଷ୍ଟ ଏହି ମାଛ ସବୁଠୁ ବଡ କଣ୍ଟାମାଛ ମଧ୍ୟରେ ଅନ୍ୟତମ ବୋଲି ବିବେଚିତ । ଏହି ମାର୍ଲିନ୍ ମାଛ ମଧ୍ୟ ଦ୍ରୁତଗାମୀ ସମଦ୍ରୀ ମାଛମାନଙ୍କ ମଧ୍ୟରୁ ଏକ ଯାହା ୧୨୯ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ବେଗରେ ସନ୍ତରଣ କରିପାରେ ।



ବ୍ଲାକ୍ ମାର୍ଲିନ୍ / ମୟୁରପଂକ୍ଷୀ ମାଛ

### ବ୍ଲୁ ମାର୍ଲିନ୍ *(Makaira nigricans)*


ବ୍ଲୁ ମାର୍ଲିନ୍ ଲମ୍ବରେ ୫ ମି. ପର୍ଯନ୍ତ ଏବଂ ୬୩୬ କିଲୋ ଓଜନ ପର୍ଯ୍ୟନ୍ତ ବଢ଼ିପାରେ । ଏହା ଏକାନ୍ତପ୍ରବାସୀ, ଗମନାଗମନଶୀଳ (Migratory) ଏବଂ ଉଷ୍ଣ ଜଳଭାଗରେ ରହିବାକୁ ପସନ୍ଦ କରୁଥିବା ପ୍ରଜାତି । ଏହା ଉପରି ଜଳଭାଗରେ ବିଚରଣ କରିଥାଏ କିନ୍ତୁ ଗଭୀର ଜଳଭାଗକୁ ମଧ୍ୟ ବୁଡ଼କି ମାରିଥାଏ ।



ବ୍ଲୁ ମାର୍ଲିନ୍

### ଷ୍ଟ୍ରାଇପ୍ଡ ମାର୍ଲିନ୍ ମାଛ *(Kajikia audax)*


ମାର୍ଲିନ୍ ମାଛସମୁହ ମଧ୍ୟରେ ଷ୍ଟ୍ରାଇପ୍ଡ ମାର୍ଲିନ ଏକ ଛୋଟ ପ୍ରଜାତିର ମାଛ, ଯାହା ଭାରତ-ପ୍ରଶାନ୍ତ ମହାସାଗରର ଉଷ୍ଣକୋଟିବନ୍ଧୀୟ ଏବଂ ଶୀତୋଷ୍ଣ ଜଳଭାଗରେ ବିଚରଣ କରିବା ଦେଖାଯାଏ । ଏହା ୪.୨ ମି. ଲମ୍ବ ଏବଂ ୪୪୦ କିଲୋ ଓଜନ ପର୍ଯ୍ୟନ୍ତ ବଢ଼ିପାରେ। ଭାରତରେ,ଷ୍ଟ୍ରାଇପ୍ଡ ମାର୍ଲିନ୍ ମାଛ ଲମ୍ବ କଣ୍ଟାଜାଲ (Longlines) ଦ୍ୱାରା ଧରାଯାଇଥାଏ।



ଷ୍ଟ୍ରାଇପ୍ଡ ମାର୍ଲିନ୍ ମାଛ

## ସ୍ୱର୍ଡ଼ ମାଛ / ମୟୂରପଂକ୍ଷୀ ମାଛ *(Xiphias gladius)*


ମୟୂରପଂକ୍ଷୀ ମାଛ ଅଧିକତର ମହାସାଗରର ଉଷ୍ମକୋଟିବନ୍ଧୀୟ ଏବଂ ଶୀତୋଷ୍ମ ଜଳଭାଗରେ ମିଳିଥାଏ । ଏହା ଉପରି ଜଳସ୍ତରରୁ ୫୫୦ ମି. ଗଭୀରତା ପର୍ଯ୍ୟନ୍ତ ମିଳିଥାଏ । ଏହା ଲମ୍ବରେ ୪.୫ ମି. ଏବଂ ୬୫୦ କିଲୋ ଓଜନ ପର୍ଯ୍ୟନ୍ତ ବଢିପାରେ । ଏହି ମାଛ ଲମ୍ବ କଣ୍ଟାଜାଲ (Longlines) ଦ୍ୱାରା ଧରାଯାଇଥାଏ ।



ସ୍ୱର୍ଡ଼ ମାଛ / ମୟୂରପଂକ୍ଷୀ ମାଛ

## ଇଣ୍ଡୋ-ପାସିଫିକ୍ ପକ୍ଷମାଛ/ପକ୍ଷୀ କୋଣି/କୋମୁ କୋନେମୁ *(Istiophorus platypterus)*

ଏହି ପକ୍ଷମାଛ ଅଧିକତର ମହାସାଗରର ଉଷ୍ମ ଭାଗରେ ମିଳିଥାଏ । ଏହାର ଏକ ବିଶେଷ ଲକ୍ଷଣଯୁକ୍ତ ଊର୍ଦ୍ଧ ଶୀର୍ଷପୃଷ୍ଠ ପକ୍ଷ ଯାହାକି ସେଲ (sail) ଭାବେ ନାମିତ ଏବଂ ଖଣ୍ଡାମାଛ (Swordfish) ଏବଂ ଅନ୍ୟାନ୍ୟ ମାର୍ଲିନ ପ୍ରଜାତିରମାଛ ସମତୁଲ ଏକ ଲମ୍ବିକୃତ ଥଣ୍ଟ (Bill) ଥାଏ । ଏହା ୩.୫ ମି. ଲମ୍ବ ଏବଂ ୧୦୦ କିଲୋ ଓଜନ ପର୍ଯ୍ୟନ୍ତ ବଢିପାରେ । ଏହି ମାଛକୁ ଲମ୍ବ କଣ୍ଟାଜାଲ (Longlines) ଦ୍ୱାରା ଧରାଯାଇଥାଏ ।



ଇଣ୍ଡୋ-ପାସିଫିକ୍ ପକ୍ଷମାଛ/ପକ୍ଷୀ କୋଣ

## ବୁଲେଟ ଟୁନା/ତୁମ୍ବାଡ଼ା/ସୁରା *(Auxis rochei)*

ବୁଲେଟ ଟୁନା ଏକ ତଟୀୟ ପ୍ରଜାତି ମାଛ ପ୍ରାୟତଃ ପୃଥିବୀର ସମସ୍ତ କ୍ଷେତ୍ରରେ ଉଷ୍ମକୋଟିବନ୍ଧୀୟ ସାଗରୀୟ ଜଳଭାଗର ୫୦ ମି. ଗଭୀରତାରେ ମିଳିଥାଏ । ଏହାର ଅଧିକତମ ଲମ୍ବ ୫୦ ସେ.ମି. ହୋଇଥାଏ । ଏହା କାରିଗରି (Artisanal) ମାସ୍ୟକୀ ବିଶେଷକରି ଭାରତୀୟ ଉପକୂଳବର୍ତ୍ତୀ ସ୍ରୋତ ଜାଲ (Driftnet) ମାସ୍ୟକୀ ନିମନ୍ତେ ଅତି ମହତ୍ୱପୂର୍ଣ୍ଣ । ଏହି ମାଛର ଉତ୍ତରଣ ସାଧାରଣତଃ ଅକ୍ସିସ୍ ଥାଜାର୍ଡ଼ ମାଛ ସହ ମିଶ୍ରିତ ଭାବେ ହୋଇଥାଏ ।



ବୁଲେଟ ଟୁନା/ତୁମ୍ବାଡ଼ା/ସୁରା

## ଫ୍ରିଗେଟ୍ ଟୁନା/ତୁମ୍ବାଡ଼ା/ସୁରା *(Auxis thazard)*

ଫ୍ରିଗେଟ୍ ଟୁନା ଏକ ତଟୀୟ ପ୍ରଜାତି ମାଛ ଅଟେ । ମାଛଧରାରେ ସାଧାରଣ ଆକାର ପ୍ରାୟତଃ ୨୫ ରୁ ୪୦ ସେ.ମି. ମଧ୍ୟରେ ହୋଇଥାଏ କିନ୍ତୁ କେଉଁ ପ୍ରକାର ଜାଲ ବ୍ୟବହାର ହୋଇଛି ତାହାଉପରେ ନିର୍ଭର କରିଥାଏ ଏବଂ ଋତୁକାଳ ଏବଂ ଅଞ୍ଚଳକୁ ନେଇ ମଧ୍ୟ ବିଭିନ୍ନତା ଦେଖା ଦେଇଥାଏ । ଭାରତରେ ଏହା କାରିଗରୀ (Artisanal) ସ୍ରୋତ ଜାଲ (Driftnet) ମାସ୍ୟକୀରେ ମିଳିଥାଏ ।



ଫ୍ରିଗେଟ୍ ଟୁନା/ତୁମ୍ବାଡ଼ା/ସୁରା

## କାୱାକାୱା/ତୁମ୍ବାଡ଼ା/ସୁରା *(Euthynnus affinis)*


ଏହା ସାମୁଦ୍ରୀକ ଜଳଭାଗର ୧୮-୨୯ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା ମଧ୍ୟରେ ବିଚରଣ କରୁଥିବା ଏକ ତଳବେଳାପବର୍ତ୍ତି(epipelagic), ନେରିଟିକ(Neritic) ପ୍ରଜାତି । ଭାରତୀୟ ତଟର ସମଗ୍ର ଟୁନା ମାଛ ଅବତରଣର ୪୨ ପ୍ରତିଶତ ଅଂଶଦାୟୀ ଏହି ମାଛ ସବୁଠୁ ବ୍ୟାପକ ମିଳୁଥିବା ସାଧାରଣ ଟୁନା ପ୍ରଜାତି ଅଟେ । ଏହା ମୁଖ୍ୟତଃ ସ୍ରୋତ ଫାସିଜାଲ (Drift gillnet) ଦ୍ୱାରା ଧରା ଯାଇଥାଏ । ଏହାର ସମ୍ଭାବିତ ଉତ୍ପାଦନ ୩୮୬୪୬ ଟନ୍ ଆକଳନ କରାଯାଇଛି ।



କାୱାକାୱା/ତୁମ୍ବାଡ଼ା/ସୁରା

## ଲଙ୍ଗଟେଲ ଟୁନା/ଭୀରଗେଡରା *(Thunnus tonggol)*

ଲଙ୍ଗଟେଲ ଟୁନା ଏକ ତଳବେଳାପବର୍ତ୍ତି (epipelagic), ମୁଖ୍ୟତଃ ନେରିଟିକ (Neritic) ପ୍ରଜାତି ଯାହା ଭାରତର ପୂର୍ବ ଏବଂ ପଶ୍ଚିମ ତଟରେ ମିଳିଥାଏ । ଏହା ଏକ ଛୋଟ ଟୁନା ମାଛ ଯାହା ୧୪୫ ସେ.ମି. ପର୍ଯ୍ୟନ୍ତ ବଢିଥାଏ କିନ୍ତୁ ମାସ୍ୟକୀରେ ମିଳୁଥିବା ସାଧାରଣ ଲମ୍ବ ୪୦-୭୦ ସେ.ମି. ଶ୍ରେଣୀ ଭିତରେ ହୋଇଥାଏ । ଏହା ଅନିବାର୍ଯ୍ୟ ରୂପେ ସ୍ରୋତ ଫାସିଜାଲ (Drift gillnet) ଏବଂ ସୁତି କଣ୍ଟା (Hooks & Line) ଦ୍ୱାରା ଧରା ଯାଇଥାଏ । ଏହାର ସମ୍ଭାବିତ ଉତ୍ପାଦନ ୮୧୨୮ ଟନ୍ ଆକଳନ କରାଯାଇଛି ।



ଲଙ୍ଗଟେଲ ଟୁନା/ଭୀରଗେଡରା

## ଓରିଏଣ୍ଟାଲ ବୋନିଟୋ/ତୁମ୍ବାଡା *(Sarda orientalis)*

ବୋନିଟୋ ଏକ ଛୋଟ ଏବଂ ସରୁ ଶରୀର ବିଶିଷ୍ଟ ତଟୀୟ ଟୁନା ମାଛ, ଯାହା ଭାରତୀୟ- ପ୍ରଶାନ୍ତ କ୍ଷେତ୍ରର ସାମୁଦ୍ରିକ ଜଳଭାଗରେ ସନିବେଶ ହୋଇଥାଏ । ଏହା ୧୦୦ ସେ.ମି. ଲମ୍ବ ଏବଂ ୧୦ କିଲୋ ପର୍ଯ୍ୟନ୍ତ ବଢିଥାଏ କିନ୍ତୁ ଭାରତୀୟ ମାସ୍ୟକୀରେ ମିଳୁଥିବା ସାଧାରଣ ଲମ୍ବ ୩୦-୫୦ ସେ.ମି. ମଧ୍ୟରେ ହୋଇଥାଏ । ବନିଟୋ ମାଛ ମୁଖ୍ୟତଃ ସ୍ରୋତ ଫାସିଜାଲ (Drift gillnet) ଦ୍ୱାରା ଧରା ଯାଇଥାଏ ।



ଓରିଏଣ୍ଟାଲ ବୋନିଟୋ/ତୁମ୍ବାଡା

## ଡଗ୍‌ଟୁଥ୍ ଟୁନା/ଭୀରଗେଡରା *(Gymnosarda unicolor)*

ଏହା ଭାରତୀୟ-ପ୍ରଶାନ୍ତ ମହାସାଗରରେ ଅବତରିତ ଏକ ସରୁ ଶରୀର ବିଶିଷ୍ଟ ଲମ୍ବା ଟୁନା ମାଛ ଅଟେ । ଏହା ୨୫୦ ସେ.ମି. ଲମ୍ବ ପର୍ଯ୍ୟନ୍ତ ବଢିଥାଏ କିନ୍ତୁ ଭାରତୀୟ ମାସ୍ୟକୀରେ ଏହାର ସାଧାରଣ ଲମ୍ବ ୪୦-୬୦ ସେ.ମି. ହୋଇଥାଏ । ଫାସି ଜାଲ ମାସ୍ୟକିରେ ଏହା ନ୍ୟୁନ ଅଂଶିଦାରୀ ସ୍ଥାପନ କରେ ।



ଡଗ୍‌ଟୁଥ୍ ଟୁନା/ଭୀରଗେଡରା

**ବଙ୍ଗୋପୋସାଗର କାର୍ଯ୍ୟକ୍ରମ ଅନ୍ତର୍ସରକାରୀ ସଂଗଠନ**
୯୧, ସେଣ୍ଟ ମେରୀ ରୋଡ଼, ଅଭିରାମାପୁରମ, ଚେନ୍ନାଇ, ୬୦୦୦୧୮, ଇଣ୍ଡିଆ ।
ଫୋନ୍:+୯୧-୪୪-୨୪୯୩୬୧୮୮, ୨୪୯୩୬୨୯୪, ଫାକ୍ସ: +୯୧-୪୪-୨୪୯୩୬୧୦୨, ଇମେଲ: admin@bobabnj.org; info@bobpigo.org